ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୯୯୮, /ସୂ.ଲୋ.ସ. ତା. ୨୮-୧୧-୨୦୧୯. e-mail- dkl.dipro@gmail.com

Tel. No.- (06762) 224414

## ସ୍ୱେଚ୍ଛାକୃତ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକଙ୍କୁ ସମ୍ମାନ ଓ ଅନୁପ୍ରେରଣାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ।

ଢେଙ୍କାନାଳ, ତା- ୨୮/୧୧/୨୦୧୯- ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସ୍ୱେଚ୍ଛାକୃତ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକଙ୍କୁ ସମ୍ମାନ ଓ ଅନୁପ୍ରେରଣା ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ରକ୍ତଦାନ ଏକ ମହତ କାର୍ଯ୍ୟ ବୋଲି କହି ଏହା ଦ୍ୱାରା ରକ୍ତଦାତା ବିଭିନ୍ନ ରୋଗରୁ ମୁକ୍ତ ହୋଇଥାନ୍ତି ବୋଲି ପ୍ରକାଶ କରିଥିଲେ । ରକ୍ତଦାନ କ୍ଷେତ୍ରରେ ଢେଙ୍କାନାଳ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ହୋଇଥିବାରୁ ସେ ଉପସ୍ଥିତ ରକ୍ତଦାତାଗଣ ଓ ଆୟୋଜକମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରିରଖି ନିୟମିତ ଆୟୋଜନ କଲେ ଅଧିକ ସୁଫଳ ମିଳିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲସ୍ଥ ମଡେଲ ବ୍ଲଡ ବ୍ୟାଙ୍କର ମେଡିକାଲ ଡାଇରେକ୍ଟର ଡାକ୍ତର ଶ୍ରୀ ଦେବାଶିଷ ମିଶ୍ର ରକ୍ତଦାନର ଉପକାରିତା ଓ ଆବଶ୍ୟକତା ଉପରେ ବିଶଦ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ଚିକିତ୍ସା ବିଜ୍ଞାନ ଆଜି ପର୍ଯ୍ୟନ୍ତ ରକ୍ତ ବା ଏହାର ବିକଳ୍ପ ତିଆରି କରିପାରି ନାହିଁ । ଚିକିତ୍ସାରେ ଆବଶ୍ୟକ ପଡୁଥିବା ରକ୍ତକୁ ରକ୍ତ ସଂଗ୍ରହ ଦ୍ୱାରା ହିଁ ପୂରଣ କରାଯାଉଛି । ରକ୍ତ ଦାନ ଦ୍ୱାରା ଶରୀରସ୍ଥ ଅଙ୍ଗ ପ୍ରତ୍ୟଙ୍ଗ ଅଧିକ କର୍ମଶୀଳ ହେବା ସହ ସୁସ୍ଥ ହୁଏ । ୧୮ରୁ ୬୫ ବର୍ଷ ବୟସର ଜଣେ ସୁସ୍ଥ ବ୍ୟକ୍ତି ଯାହାର ଓଜନ ୪୫ କେ.ଜି.ରୁ ଅଧିକ ହୋଇଥିବ ସେ ରକ୍ତଦାନ କରିପାରିବେ । ୯୦ ଦିନ ବ୍ୟବଧାନରେ ଜଣେ ବ୍ୟକ୍ତି ରକ୍ତଦାନ କରିପାରିବେ । କିନ୍ତୁ ମଧୁମେହ, ସଂକ୍ରମିତ ରୋଗୀ, ଯକୃତ ଜନିତ ରୋଗୀ, କ୍ୟାନସର ରୋଗୀ, ଏଚ୍.ଆଇ.ଭି. ଆକ୍ରାନ୍ତ ବ୍ୟକ୍ତି, ନିଶାସକ୍ତ ଓ ଗର୍ଭୀ ଅବସ୍ଥାରେ ଥିବା ମହିଳାଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ନ ଥାଏ ବୋଲି ସୂଚାଇ ଦେଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜେଶ କୁମାର ନାୟକ, ରକ୍ତଦାତା ଅନୁପ୍ରେରକ ସଂଘର ଉପ-ସଭାପତି ଶ୍ରୀ କୀର୍ତ୍ତି ନାରାୟଣ ପାଣି, ସି.ଡି.ଏମ୍.ଓ. ଡଃ. ନିରଞ୍ଜନ ମିଶ୍ର, ମଡେଲ ବ୍ଲଡ ବ୍ୟାଙ୍କର ଆସିଷ୍ଟାଣ୍ଟ ଡାଇରେକ୍ଟର ଡାକ୍ତର ଶ୍ରୀ ପ୍ରଦୀପ ଦାଶ, ରକ୍ତ ଦାନ ଦ୍ୱାରା ଅନ୍ୟର ଜୀବନ ରକ୍ଷା ହୋଇଥିବାରୁ

ରକ୍ତ ଦାନ ଏକ ମହତ୍ କାର୍ଯ୍ୟ ବୋଲି କହିଥିଲେ । ସେହିପରି ସର୍ବଦା ମାନଙ୍କ ସେବାରେ ନିୟୋଜିତ ଅଛି । ଯୁବଗୋଷ୍ଠୀ ରକ୍ତଦାନ ପ୍ରତି ବିଶେଷ ଆଗ୍ରହ ଦେଖାଉଥିବାରୁ ପ୍ରଶଂସା କରିଥିଲେ । ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପୁଣ୍ୟ ଅର୍ଜନ କରିବାକୁ ପ୍ରେରଣା ଦେଇଥିଲେ ।

[illegible] କାଳୀନ ଅଧ୍ୟକ୍ଷ ଶ୍ରୀ ଶଶାଙ୍କ ଶେଖର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରେଡ଼କ୍ରସ ସାଧାରଣ କର୍ମକର୍ତ୍ତା, ରକ୍ତଦାତା ଓ ବରିଷ୍ଠ ସ୍ୱେଚ୍ଛାକୃତ ରକ୍ତଦାତା ସଂଘର କର୍ମକର୍ତ୍ତାଗଣ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକମାନଙ୍କୁ ପୁରସ୍କୃତ କରାଯାଇଥିଲା ।

— × —

ଶେଷରେ ସଭାରେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଉପସ୍ଥିତି ଓ ପ୍ରଚାର ନିମନ୍ତେ ଧନ୍ୟବାଦ ଜଣାଗଲା ।

ହେମନ୍ତ କୁମାର ନାୟକ
୨୮।୧୧।୨୦୧୮
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ